## କ୍ରୀଡ଼ା ସଂସଦ ନିର୍ବାଚନ ପାଇଁ ନାମାଙ୍କନ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲା କ୍ରୀଡ଼ା ସଂସଦ ନିର୍ବାଚନ ପାଇଁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ ହୋଇଛି। ଉପସଭାପତି ପଦ ପାଇଁ ପାଲଲହଡ଼ାର ନେତ୍ରାନନ୍ଦ ମହାକୁଡ଼, ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଆଠମଲ୍ଲିକର ଦିଲୀପ ରାଉତ ଏବଂ କୋଷାଧକ୍ଷ ପଦବୀ ପାଇଁ ଅନୁଗୋଳର କିଶୋର କର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୂର୍ବରୁ ସାଧାରଣ ସମ୍ପାଦକ ପଦବୀ ପାଇଁ ଅନୁଗୋଳର ରୁଚିର କୁମାର ଦାଶ, ତାଳଚେରରୁ ଡା. ଗୌର ଗୋବିନ୍ଦ ସାମନ୍ତ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆସନ୍ତା ୨୩ ତାରିଖରେ କ୍ରୀଡ଼ା ସଂସଦ ନିର୍ବାଚନ ଅନୁଷ୍ଠିତ ହେବ।

## ବର୍ଣ୍ଣାଳୀ ସାହୁ ଜିଲା ଟପ୍ପର

**ବଅଁରପାଳ, ୧୬।୫ (ଡି.ଏନ.ଏ.)**

ଚଳିତବର୍ଷ ପ୍ରକାଶ ପାଇଥିବା ଆଇସିଏସ୍‌ଇ ବୋର୍ଡର ଦଶମ ଶ୍ରେଣୀ ପରୀକ୍ଷା ଫଳରେ ବଅଁରପାଳ ଟେଣ୍ଟୋଲୋଇସ୍ଥିତ ସେଣ୍ଟ ଲରେନ୍ସ ସ୍କୁଲର ଛାତ୍ରୀ ବର୍ଣ୍ଣାଳୀ ସାହୁ ସର୍ବାଧିକ ୯୮ ପ୍ରତିଶତ ମାର୍କ ରଖି ଅନୁଗୋଳ ଜିଲା ଟପ୍ପର ହୋଇଛନ୍ତି। ବର୍ଣ୍ଣାଳୀ ବଅଁରପାଳ



ନୂଆହତା ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀମୁଖ ସାହୁ ଓ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ସାହୁଙ୍କ ନାତୁଣୀ ତଥା ସୌରଭ ବିକାଶ ସାହୁ ଓ ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀଙ୍କ ଏକମାତ୍ର କନ୍ୟା। ଏହା ପୂର୍ବରୁ ବର୍ଣ୍ଣାଳୀ ନ୍ୟାଶନାଲ ଅଲିମ୍ପିଆଡରେ ବହୁବାର ସ୍ୱର୍ଣ୍ଣ ପଦକ ପାଇ ନିଜ ମେଧାବୃତ୍ତିର ପରିଚୟ ଦେଇଛନ୍ତି। ଏହି ସଫଳତା ପାଇଁ ବର୍ଣ୍ଣାଳୀ ସେଣ୍ଟ ଲରେନ୍ସ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପ୍ରିନ୍ସିପାଲଙ୍କୁ ଶ୍ରେୟ ଦେଇଛନ୍ତି। ଜେଜେମା', ଜେଜେବାପା ତଥା ମା' ବାପାଙ୍କ ପ୍ରେରଣା ଓ ନିଜର ପ୍ରଚେଷ୍ଟା, ବିଶ୍ୱାସ ବଳରେ ସେ ଏହି ସଫଳତା ପାଇପାରିଛନ୍ତି ବୋଲି କହିଛନ୍ତି। ଅନୁଗୋଳ ଜିଲାରେ ସର୍ବାଧିକ ନମ୍ବର ରଖିଥିବାରୁ ତାଙ୍କୁ ଜିଲାର ବିଭିନ୍ନ ଆଡୁ ପ୍ରଶଂସା ଓ ଅଭିନନ୍ଦନର ସୁଅ ଛୁଟୁଛି।

# ଗ୍ରୀଷ୍ମ ଯନ୍ତ୍ରଣା ବଢ଼ାଉଛି ବିଦ୍ୟୁତ୍ କାଟ

- ଅନୁଗୋଳ ସହରରେ ତୀବ୍ର ଅସନ୍ତୋଷ
- ତତଲା କଡ଼େଇ ପାଲଟିଲାଣି ଅନୁଗୋଳ
- ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ

**ଅନୁଗୋଳ ଅଫିସ, ୧୬।୫**

ଅସହ୍ୟ ଗ୍ରୀଷ୍ମ ପ୍ରବାହ ବେଳେ ଘନ ଘନ ହେଉଛି ବିଦ୍ୟୁତ୍ କାଟ। ଘଣ୍ଟା ଘଣ୍ଟା ଧରି ଅପେକ୍ଷା ସତ୍ତ୍ୱେ ଆସୁନି କରେଣ୍ଟ। ଫଳରେ ଗରମ ଓ ଗୁଳୁଗୁଳିରେ ଅଥୟ ହୋଇପଡୁଛି ଜନଜୀବନ। ଗ୍ରାମାଞ୍ଚଳ ତ ଦୂରର କଥା ଅନୁଗୋଳ ସହରରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ଗାଏବ ହୋଇଯିବା ସହରବାସୀଙ୍କ ଚିନ୍ତାର କାରଣ ହୋଇଛି। ଯେଉଁ ସମୟରେ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ କରାଯିବା କଥା, ସେହି ସମୟରେ ଅଘୋଷିତ ବିଦ୍ୟୁତ୍ କାଟ୍ ଗ୍ରୀଷ୍ମ ଯନ୍ତ୍ରଣାକୁ ଅଧିକ ବଢ଼ାଇ ଦେଉଛି।

ଅନୁଗୋଳରେ ଗତ ୩ ଦିନ ହେବ ତାପମାତ୍ରା ଅଧିକ ରହୁଛି। ଆକାଶରୁ ଅଗ୍ନିବର୍ଷା ହେଲା ଭଳି ଲୋକଙ୍କୁ ଅନୁଭବ ହେଉଛି। ମଙ୍ଗଳବାର ଅନୁଗୋଳର ତାପମାତ୍ରା ୪୨.୭ ଡିଗ୍ରୀ ରହିଥିଲା। ମଧ୍ୟାହ୍ନ ୧୨ଟା ବେଳକୁ ସହର ତତଲା କଡ଼େଇ ପାଲଟିଯାଇଥିଲା।



ପ୍ରବଳ ଖରାରୁ ରକ୍ଷା ପାଇବା ପାଇଁ ଯୁବତୀମାନେ ମୁହଁ ଘୋଡ଼ାଇ ଯାଉଛନ୍ତି।

ରାସ୍ତାରେ ଯାତାୟାତ କରିବା ମୁସ୍କିଲ ହୋଇ ପଡ଼ିଥିଲା। ଫଳରେ ଅଧିକାଂଶ ରାସ୍ତା ଖାଁ ଖାଁ ରହିଥିଲା। ଏପରି ସମୟରେ ବିଦ୍ୟୁତ୍ କଟିଯିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। ସହରବାସୀଙ୍କ କହିବା ଅନୁଯାୟୀ, ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋ ଓ୍ୱାର୍ନିଂ ଜାରି କରାଯାଇଛି। ଏପରି ସମୟରେ ବିଦ୍ୟୁତ୍‌ର ଆବଶ୍ୟକତା ଅଧିକ ବଢ଼ିଯାଉଛି। ହେଲେ ସହରରେ ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ୍ କାଟ୍ ସାଙ୍ଗକୁ ଲୋ ଭୋଲଟେଜ୍ ଗ୍ରୀଷ୍ମ ଯନ୍ତ୍ରଣାକୁ ବହୁଗୁଣିତ କରିଦେଉଛି। ପୂର୍ବରୁ କୌଣସି ସୂଚନା ପ୍ରଦାନ କରା ନ ଯାଇ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ କରାଯାଉଛି। ସୋମବାର ରାତିରେ ବିଜୁଳି ଲୁଚକାଳି ଖେଳିଥିବାବେଳେ ମଙ୍ଗଳବାର ଭୋର ସମୟରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହୋଇଥିଲା। ଯଦିଓ ମଝିରେ ୨ ଘଣ୍ଟା ପାଇଁ ଆସିଥିଲା, ତା'ପରେ ସନ୍ଧ୍ୟା ପର୍ଯ୍ୟନ୍ତ ଆଉ ଆସି ନ ଥିଲା। କେବଳ ଅନୁଗୋଳ ନୁହେଁ ଛେଣ୍ଡିପଦା, ବଅଁରପାଳ, ପାଲଲହଡ଼ା, ଖମାର ଆଦି ଅଞ୍ଚଳରେ ମଧ୍ୟ ସମାନ ଅବସ୍ଥା। ଲୋକମାନେ ଅଭିଯୋଗ କରିବାକୁ ଫୋନ୍ କଲେ ବିଦ୍ୟୁତ୍ କାର୍ଯ୍ୟାଳୟରେ କେହି ଫୋନ୍ ଉଠାଉ ନାହାନ୍ତି। ଥରେ ବିଜୁଳି ଗଲେ କେତେବେଳେ ଆସିବ, ତାହା ଲୋକେ ଜାଣିପାରୁନାହାନ୍ତି। ବିଦ୍ୟୁତ୍ ବିଭାଗର ଏପରି ମନମୁଖୀ କାର୍ଯ୍ୟ ଯୋଗୁ ଗରମ ଓ ଗୁଳୁଗୁଳିରେ ସୁସ୍ଥ ଲୋକମାନେ ମଧ୍ୟ ଅସୁସ୍ଥ ହୋଇପଡୁଛନ୍ତି। ଏହାକୁ ନେଇ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଛି, ଡିଆଇସି ଛକ ଅଞ୍ଚଳରେ ବିଦ୍ୟୁତ୍ ତାର ଲୋଡ୍ ନେଲା ନାହିଁ। ନୂଆ କେବୁଲ ଟଣାଯାଇ ପୁନଃ ସଂଯୋଗ ଦିଆଯାଇଥିଲେ ମଧ୍ୟ ତାହା ଲୋଡ୍ ନେଇ ନ ଥିଲା। ଫଳରେ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ୍ କଟିଥିବା ବିଭାଗର ଜଣେ ବରିଷ୍ଠ ଅଧିକାରୀ ସଫେଇ ଦେଇଛନ୍ତି।

## ଅଚେତ୍ ହୋଇଗଲେ ଏସ୍‌ଆଇ

**ଅନୁଗୋଳ ଅଫିସ, ୧୬।୫**

ଅନୁଗୋଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନରେ ପୌରାଞ୍ଚଳର ୩ଟି ଓ୍ୱାର୍ଡର କେତେଜଣ ମହିଳା ପୁରୁଷ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ଅନୁଗୋଳ ଥାନାର ଏସ୍‌ଆଇ ସୁଶାନ୍ତ କୁମାର ନାଥ ସେଠାରେ ଡ୍ୟୁଟି କରୁଥିଲେ। ତେବେ ଅସହ୍ୟ ଖରାରେ ସେ ଅଚେତ୍ ହୋଇପଡ଼ିଯାଇଥିଲେ। ସେଠାରେ ଡ୍ୟୁଟିରେ ଥିବା ଅନ୍ୟ ଅଧିକାରୀମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଜରୁରିକାଳୀନ ୧୧୨ ଗାଡ଼ିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଏସ୍‌ଆଇ ସୁସ୍ଥ ହୋଇଥିଲେ। ଅତ୍ୟଧିକ ଖରା କାରଣରୁ ସେ ଅସୁସ୍ଥ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି।



ଅସୁସ୍ଥ ଏସ୍‌ଆଇଙ୍କୁ ମେଡିକାଲ ନିଆଯାଉଛି।

## ପଇଁଅଁକୁଳ ଚଷା ସମାଜ ବୈଠକ

**ବଇଣ୍ଡା/ଆଠମଲ୍ଲିକ, ୧୬।୫ (ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ତେନ୍ତୁଳିପଦର ଆମ୍ବତୋଟା ପରିସରରେ ରବିବାର ପଇଁଅଁକୁଳ ଚଷା ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମଳୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଦ୍ମନାଭ ପ୍ରଧାନ, କଳ୍ପତରୁ ପ୍ରଧାନ, ଅଖିଳ ପ୍ରଧାନ, ସରପଞ୍ଚ ପ୍ରଭାକର ପ୍ରଧାନ, ସୁଦାମ ପ୍ରଧାନ, ସତ୍ୟନାରାୟଣ ନାହାକ, କପିଳେଶ୍ୱର ପ୍ରଧାନ, ଅଚ୍ୟୁତ ପ୍ରଧାନ, ଅନାମ ବେହେରା, ଦୟାନିଧି ପ୍ରଧାନ, ଗଗନ ବିହାରୀ ପ୍ରଧାନଙ୍କ ସମେତ ୨୦ଟି ଗ୍ରାମର ସଭ୍ୟ ଯୋଗ ଦେଇଥିଲେ। ଏଥିରେ ପ୍ରଥମେ ସମାଜର ଆୟବ୍ୟୟ ସମ୍ପର୍କରେ ଉପସ୍ଥିତ ଥିବା ସଦସ୍ୟମାନେ ଆଲୋଚନା କରିଥିଲେ। ପରେ ତେନ୍ତୁଳିପଦର ଗ୍ରାମରେ ଠାକୁରାଣୀ ରାମେଶ୍ୱରୀ, ରାମଚଣ୍ଡୀଙ୍କ ମନ୍ଦିର ନିର୍ମାଣ ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ସମାଜ ସଭ୍ୟ କପିଳେଶର ପ୍ରଧାନ, ପଦ୍ମନାଭ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ ୫୦ ଡିସିମିଲ ଜମି ଦାନ କରିବା ପାଇଁ ଘୋଷଣା କରିଥିଲେ। ୧୨ ଜଣ ସଦସ୍ୟ ମନ୍ଦିର ନିର୍ମାଣ ପାଇଁ ଅର୍ଥ ଦାନ କରିଥିଲେ। ଏଥିସହ ସମାଜର ନୀତିନିୟମ ମାନି ଚଳିବା ପାଇଁ ସମାଜର ବୟୋଜ୍ୟେଷ୍ଠମାନେ ମତ ପ୍ରକାଶ କରିଥିଲେ। ଶେଷରେ ଅନିଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୫୩ ୟୁନିଟ୍ ରକ୍ତ ସଂଗ୍ରହ



ଆୟୋଜିତ ରକ୍ତଦାନ ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ବଅଁରପାଳ, ୧୬।୫ (ଡି.ଏନ.ଏ.)**

ବଅଁରପାଳ ବ୍ଲକସ୍ଥିତ ସାମଲ କେୟାର ହସ୍ପିଟାଲର ୧୦ମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ହସ୍ପିଟାଲ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍ୟୋଗପତି ରମେଶ ଚନ୍ଦ୍ର ସାମଲ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶକ ଡା. କୁମାର ଗୌରବ ସାମଲ ଓ ଡା. ସୁଚିସ୍ମିତା ସାମଲ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡା. ଜମ୍ବେଶର ତ୍ରିପାଠୀଙ୍କ ନେତୃତ୍ୱରେ ହସ୍ପିଟାଲ ମଧ୍ୟରେ ଥିବା ସମସ୍ତ ରୋଗୀଙ୍କୁ ଫଳ, ମିଠା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡା. ସଞ୍ଜୟ କର, ମ୍ୟାନେଜର ଲଳିତ ମୋହନ ନାୟକ, ଚେତନ କୁମାର ପଟ୍ଟନାୟକ, ମହେନ୍ଦ୍ର ବିଶ୍ୱାଳ, ରାଜୀବ ଲୋଚନ ବାରିକ, ବିଶ୍ୱକାନ୍ତ ପଣ୍ଡା, ଅମ୍ବିକା ପ୍ରସାଦ ମହାପାତ୍ର ଓ ହସ୍ପିଟାଲର କର୍ମଚାରୀମାନେ ଉପସ୍ଥିତ ଥିଲେ। ଡା. ସତ୍ୟବ୍ରତ ପ୍ରଧାନଙ୍କ ନେତୃତ୍ୱରେ ବ୍ଲଡବ୍ୟାଙ୍କ ପକ୍ଷରୁ ୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ଜିଲାସ୍ତରୀୟ ସ୍କେଟିଂ ପ୍ରଶିକ୍ଷଣ ଉଦ୍‌ଯାପିତ

**ତାଳଚେର, ୧୬।୫ (ନି.ପ୍ର.)**

ଜୁନିୟର ଚାମ୍ବର ଇଣ୍ଟରନ୍ୟାଶନାଲ (ଜେସିଆଇ) ପକ୍ଷରୁ ତାଳଚେରଠାରେ ସପ୍ତାହେ ଧରି ଚାଲିଥିବା ଜିଲାସ୍ତରୀୟ ରୋଲର ସ୍କେଟିଂ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତାଳଚେର ସହକାରୀ ଜିଲାପାଳ ରଞ୍ଜନ କୁମାର ମହାନ୍ତି ଯୋଗଦେଇ ଜେସିଆଇର ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ରଶ୍ମିରଞ୍ଜନ ମିଶ୍ର, ଜୋନ୍ ଜାତୀୟ ସଭାପତି ଆଶିଷ କୁମାର ଅଗ୍ରୱାଲ, ଜାତୀୟ ସ୍କେଟିଂ ପ୍ରଶିକ୍ଷକ ରବୀନ୍ଦ୍ର ମିଶାଲ ଯୋଗଦେଇଥିଲେ। ଜେସିଆଇ ସଭାପତି ଦୀପ୍ତିରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରକଳ୍ପ ଆବାହକ ସରୋଜ କୁମାର ଗିରି ସ୍ୱାଗତ ଭାଷଣ, ଅଭୀଲିପ୍‌ସା ମିଶ୍ର ଅତିଥି ପରିଚୟ ଓ ସମ୍ପାଦକ କୁଶଳ ଅଗ୍ରୱାଲା ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଅଗ୍ରୱାଲା, ପୂର୍ବତନ ସଭାପତି ବାସୁଦେବ ସାହୁ, ମନିଷ ଅଗ୍ରୱାଲା, ରାକେଶ ଗୁପ୍ତା, ଜିତେନ୍ଦ୍ର ଅଗ୍ରୱାଲା, ସୀମା ଅଗ୍ରୱାଲା, ତାନିଆ ଅଗ୍ରୱାଲା ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ହାଟତୋଟାସ୍ଥିତ କାଳୀ ମନ୍ଦିର ଠାରୁ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ରୋଲର ସ୍କେଟିଂ କ୍ରୀଡ଼ାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଜେସିଆଇ ପକ୍ଷରୁ ପ୍ରଶିକ୍ଷାର୍ଥୀ ଓ ଅଭିଭାବକଙ୍କୁ ମେଡାଲ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।




ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

## ଉଚ୍ଛେଦ ନୋଟିସ ପ୍ରତ୍ୟାହାର ଦାବି



ଜିଲାପାଳଙ୍କ ସହ ଆଲୋଚନା ପାଇଁ ଯାଇଥିବା ନେତୃବୃନ୍ଦ।

**ଅନୁଗୋଳ ଅଫିସ ୧୬।୫**

ଅନୁଗୋଳ ଆମ୍ବେଡକର ଫାଉଣ୍ଡେଶନକୁ ତହସିଲ ପକ୍ଷରୁ ପଠାଯାଇଥିବା ଉଚ୍ଛେଦ ନୋଟିସକୁ ପ୍ରତ୍ୟାହାର କରିବା ପାଇଁ ଫାଉଣ୍ଡେଶନ ପକ୍ଷରୁ ଦାବି କରାଯାଇଛି। ଏହି ନୋଟିସକୁ ବିରୋଧ କରି ରାଜ୍ୟର ବିଭିନ୍ନ ସଙ୍ଗଠନର ରାଜ୍ୟସ୍ତରୀୟ କର୍ମକର୍ତ୍ତା, ଆମ୍ବେଡକର ଫାଉଣ୍ଡେଶନ ଅଧ୍ୟକ୍ଷ ଓ ସମ୍ପାଦକ, ଅନ୍ୟ କର୍ମକର୍ତ୍ତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ଅଭିରାମ ମଲ୍ଲିକ, ଦଳିତ ଆଦିବାସୀ ମିଳିତ ମଞ୍ଚ ସଭାପତି ବିଦ୍ୟାଧର ଦେହୁରୀ, ରାଜ୍ୟ ବହୁଜନ ସାମ୍ମୁଖ୍ୟ ସଭାପତି ତରଣୀସେନ ନାୟକ ଓ ଗୋପାଳ ନାଏକ, କୁମୁଦ ଚନ୍ଦ୍ର ନାଏକ ପ୍ରମୁଖ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କୁ ସାକ୍ଷାତ କରି ଉଚ୍ଛେଦ ନୋଟିସକୁ ତୁରନ୍ତ ପ୍ରତ୍ୟାହାର ଏବଂ ବାବା ସାହେବ ଆମ୍ବେଡକର ଫାଉଣ୍ଡେଶନର ଉନ୍ନତିମୂଳକ କାର୍ଯ୍ୟ ଏବଂ ଫାଉଣ୍ଡେଶନ ନାମରେ ଜାଗାକୁ ରେକର୍ଡଭୁକ୍ତ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦାବି ପୂରଣ ଦିଗରେ ପ୍ରଶାସନ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ କରାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

## ରାସ୍ତା, ଡ୍ରେନ୍ ନିର୍ମାଣ ଦାବି

**ଅନୁଗୋଳ ଅଫିସ, ୧୬।୫**

ଅନୁଗୋଳ ପୌରାଞ୍ଚଳର ୧୨ନଂ. ଓ୍ୱାର୍ଡରୁ ହାପିବନ୍ଧକୁ ସଂଯୋଗ କରୁଥିବା ରାସ୍ତାକୁ ଜଣେ ବ୍ୟକ୍ତିଙ୍କୁ ଲିଜ୍‌ରେ ଦିଆଯାଇଥିବାରୁ ସେଠାରେ ନିର୍ମାଣ କାର୍ଯ୍ୟ କରାଯାଇପାରୁ ନାହିଁ। ରାସ୍ତା ଓ ଡ୍ରେନ୍ ନିର୍ମାଣ ହୋଇପାରୁ ନ ଥିବାରୁ ଯାତାୟାତ ପାଇଁ ସହସ୍ରାଧିକ ଲୋକ ଅସୁବିଧାର ସମ୍ମୁଖୀନ ହେଉଥିବା ଓ୍ୱାର୍ଡର କାମିନୀ ଓଝା, ସ୍ୱର୍ଣ୍ଣଲତା ବାରିକ, ପ୍ରମିଳା ମହାପାତ୍ର, ସରସ୍ୱତୀ ମହାପାତ୍ର ପ୍ରମୁଖ ମଙ୍ଗଳବାର ଅଭିଯୋଗ କରିବା ସହିତ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନେ ଦର୍ଶାଇଛନ୍ତି, ଉକ୍ତ ରାସ୍ତାକୁ ଲିଜ୍‌ରେ ନେଇଥିବା ବ୍ୟକ୍ତି ରାସ୍ତା ଖୋଳିବା, ପାଣି ଛାଡ଼ିବା ଆଦି କାର୍ଯ୍ୟ କରୁଛନ୍ତି। ଫଳରେ ଗମନାଗମନରେ ଅସୁବିଧା ହେଉଛି। ଏ ସମ୍ପର୍କରେ ପୂର୍ବରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଉକ୍ତ ରାସ୍ତାକୁ ସର୍ବସାଧାରଣ ଜାଗା ଭାବେ ଘୋଷଣା କରିବାକୁ ଜିଲାପାଳ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତହସିଲ ପକ୍ଷରୁ ଜନବିରୋଧୀ ରିପୋର୍ଟ ଦିଆଯାଇଛି। ଫଳରେ ଉକ୍ତ ରାସ୍ତା ସହ ଡ୍ରେନ୍ ନିର୍ମାଣ ହୋଇପାରୁ ନାହିଁ। ତେଣୁ ତୁରନ୍ତ ଉକ୍ତ ରାସ୍ତା ଓ ଡ୍ରେନ୍ ନିର୍ମାଣ କରାଯିବାକୁ ଅଭିଯୋଗକାରୀ ଦାବି କରିଛନ୍ତି।




ରାସ୍ତା ନିର୍ମାଣ ଦାବିରେ ତହସିଲ କାର୍ଯ୍ୟାଳୟ ଘେରାଉ।

## ଲୁଟିନେଲେ ଟଙ୍କା, ମୋବାଇଲ

**ଅନୁଗୋଳ ଅଫିସ, ୧୬।୫**

ଅନୁଗୋଳ ସହର ଡିଆଇସି ଛକ ନିକଟରେ ଥିବା କୋରିଅର ସଂସ୍ଥାରେ ପଶି ଦୁର୍ବୃତ୍ତମାନେ ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ସୋମବାର ବିଳମ୍ବିତ ରାତିରେ କୋରିଅର ସଂସ୍ଥାରେ କାର୍ଯ୍ୟ ଚାଲୁଥିବା ସମୟରେ ଦୁର୍ବୃତ୍ତମାନେ କାର୍ଯ୍ୟାଳୟକୁ ପଶିଯାଇ ଛୁରି ଦେଖାଇ ଅଢ଼େଇ ଲକ୍ଷ ଟଙ୍କା ଓ ଦୁଇଟି ପୁରୁଣା ଫୋନ୍ ନେଇ ଚମ୍ପଟ ମାରିଥିଲେ। ଏ ନେଇ କୋରିଅର ସଂସ୍ଥାର ମ୍ୟାନେଜର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୩୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ବିଭିନ୍ନ ଅନ୍‌ଲାଇନ୍‌ରେ ଅର୍ଡର କରାଯାଉଥିବା ସାମଗ୍ରୀକୁ ଉକ୍ତ ସଂସ୍ଥା ଗ୍ରାହକଙ୍କ ନିକଟରେ ପହଞ୍ଚାଇ ଥାଏ। ସୋମବାର ରାତିରେ ସଂସ୍ଥାର ୨ ଜଣ କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ୨ ଦୁର୍ବୃତ୍ତ ଭିତରକୁ ପଶି ଲୁଟ୍‌ପାଟ କରିଥିଲେ।

## କୈବର୍ତ୍ତ ମହାସଭା ଆଭିମୁଖ୍ୟ ଉପରେ ଆଲୋକପାତ



ଚୈତ୍ରପର୍ବ ଓ ବନ୍ଧୁ ମିଳନ ଅବସରରେ ଅତିଥିଙ୍କ ସହ କୈବର୍ତ୍ତ ପରିବାର ସଦସ୍ୟମାନେ।

**ବଅଁରପାଳ, ୧୬।୫ (ଡି.ଏନ.ଏ.)**

ନାଲ୍‌କୋନଗରସ୍ଥିତ କୈବର୍ତ୍ତ ପରିବାର ତରଫରୁ ଏକ ସାମୂହିକ ଚୈତ୍ରପର୍ବ ଓ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋନଗରର ୧୦୭ ସଦସ୍ୟଙ୍କ ପରିବାର ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶେଷଦେବ ଦେହୁରୀ ଓ ସମ୍ମାନିତ ଅତିଥି ଭାବେ ନକୁଳ ଚନ୍ଦ୍ର ବେହେରା, ମନୋଜ ବେହେରା, ଉମାକାନ୍ତ ବେହେରା, ଅକ୍ଷୟ କୁମାର ବେହେରା, ମନୋରଞ୍ଜନ ବେହେରା, ଦିଲୀପ କୁମାର ତରାଇ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ନାଲ୍‌କୋନଗର କୈବର୍ତ୍ତ ମହାସଭାର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା। ମହାସଭାର ବିଦାୟୀ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ନୂତନ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିବିଏସ୍‌ଇ ପରୀକ୍ଷାରେ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କିଶୋର କୁମାର ବେହେରା, ଲକ୍ଷ୍ମୀଧର ରାଉତ, ମନୋଜ ବେହେରା, ଦାଶରଥି ବେହେରା, ପ୍ରତାପ ଚନ୍ଦ୍ର ବେହେରା, ନଟବର ବେହେରା, ହରିବନ୍ଧୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ଡେଙ୍ଗୁ ଦିବସ ପାଳିତ

**ଅନୁଗୋଳ ଅଫିସ, ୧୬।୫**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ଡେଙ୍ଗୁ ରୋଗର କାରଣ, ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତା ପାୱାର ପଏଣ୍ଟ ମାଧ୍ୟମରେ ଜାତୀୟ ଡେଙ୍ଗୁ ଦିବସ ପାଳନ କରିବାର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଡାକ୍ତର ଦିଲୀପ କୁମାର ପଟ୍ଟନାୟକ, ଡାକ୍ତର ବିଶ୍ୱବିହାରୀ ମହାନ୍ତି, ଡାକ୍ତର ଧନେଶ୍ୱର ବେହେରା, ଡାକ୍ତର ବିନୋଦ କୁମାର ସାହୁ, ଡାକ୍ତର ଦୀପକ କୁମାର ମହାନ୍ତ ଜାତୀୟ ଡେଙ୍ଗୁ ଦିବସ ପାଳନରେ ତାତ୍ପର୍ଯ୍ୟର ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଭିଡି କନ୍ସଲଟାଣ୍ଟ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ।

## ଏନ୍‌ଟିପିସିରେ ସ୍ୱଚ୍ଛତା ପକ୍ଷ ଶୁଭାରମ୍ଭ

**କଣିହାଁ, ୧୬।୫ (ଡି.ଏନ.ଏ.)**

କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ୧୬ ତାରିଖ ଠାରୁ ସ୍ୱଚ୍ଛତା ପକ୍ଷ ପାଳନ ଆରମ୍ଭ ହୋଇଛି। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସକାଳେ ଏନ୍‌ଟିପିସି କର୍ମଚାରୀ ଓ ଟାଉନଶିପ୍ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ସ୍ୱଚ୍ଛତା ଶପଥଗ୍ରହଣ ସହ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏନ୍‌ଟିପିସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏସ୍. ସୁନ୍ଦରାମ ଉପସ୍ଥିତ ରହି ଏହି ଶପଥ ପାଠ କରାଇବା ସହ ଘର ଓ କାର୍ଯ୍ୟସ୍ଥଳରେ ସ୍ୱଚ୍ଛତା ବଜାୟ ରଖିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ (ଓଆଣ୍ଡଏମ୍) ଏ.କେ. ସେହଗଲ, ଜିଏମ୍ (ପ୍ରୋଜେକ୍ଟ) ଆର୍.ଏନ୍. ଦାସ, ଜିଏମ୍ (ଅପରେଶନ) ଓ୍ୱାଇ.ଏମ୍. ମୁରଲୀକ୍ରିଷ୍ଣା, ଏଜିଏମ୍ (ଏଚ୍ଆର୍) ବି.କେ. ପାଣ୍ଡେ, ଲେଡିଜ କ୍ଲବ ମେମ୍ବର, ବିଭିନ୍ନ ୟୁନିୟନ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱଚ୍ଛତା ସମ୍ପର୍କିତ ଏକ ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ପ୍ରକଳ୍ପ କର୍ମଚାରୀ, ସିଆଇଏସ୍‌ଏଫ୍ ପର୍ସୋନେଲ ଏବଂ ଟାଉନଶିପ୍‌ବାସୀ ସାମିଲ ହୋଇଥିଲେ। ଏହିପକ୍ଷ ପାଳନ ଅବସରରେ ପ୍ଲାଣ୍ଟ ପରିସର, ହସ୍ପିଟାଲ, ଟାଉନଶିପ୍, ସ୍ଥାନୀୟ ବଜାର, ଟାଉନଶିପ୍ ଓ ନିକଟସ୍ଥ ସ୍କୁଲ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର କରାଯାଇଛି।




ସ୍ୱଚ୍ଛତା ପକ୍ଷ ଶୁଭାରମ୍ଭ ଅବସରରେ ଏନ୍‌ଟିପିସି ଅଧିକାରୀ ଓ କର୍ମଚାରୀମାନେ ସଫେଇ କରୁଛନ୍ତି।

## ମଧ୍ୟାହ୍ନଭୋଜନ ଚାଉଳ ଚୋରି

**ରାସୋଳ, (ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗତ ସୋମବାର ରାତିରେ ମଧ୍ୟାହ୍ନଭୋଜନ ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ ସ୍କୁଲ କବାଟ ତାଲା ଭାଙ୍ଗି ୮ ବସ୍ତା ଚାଉଳ ନେଇଯାଇଥିବା ପ୍ରଧାନ ଶିକ୍ଷକ ନିରଞ୍ଜନ ବୈଦ୍ୟ ଥାନାରେ ଏତଲା ଦେଇଛନ୍ତି। ରବିବାର ସକାଳେ ଏହା ଜଣାପଡ଼ିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରାଜନୀତିରୁ ବଢୁଛି ରକ୍ତପାତ

**ଢେଙ୍କାନାଳ ଅଫିସ, ୧୬।୫**




- ୨୦୧୩ ପରଠାରୁ ୪ ରାଜନୈତିକ ହତ୍ୟା
- କେବଳ କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ୩

ରାଜନୈତିକ ଗୋଷ୍ଠୀ କନ୍ଦଳରୁ ବଢୁଛି ରକ୍ତପାତ। ଗଡୁଛି ମୁଣ୍ଡ। ହତ୍ୟାକାଣ୍ଡର ଅଭିଯୁକ୍ତମାନେ ଧରାପଡୁଛନ୍ତି ସତ, ହେଲେ ପରଦା ପଛର ଖଳନାୟକଙ୍କ ପାଖରେ ପହଞ୍ଚି ପାରୁନାହିଁ ପୋଲିସ। ଆକ୍ଷେପ-ପ୍ରତିଆକ୍ଷେପ ରାଜନୀତି, ଠିକାଦାରି କାରବାର, ଦଳୀୟ ବିବାଦ ଏଭଳି ହତ୍ୟାକାଣ୍ଡର ପ୍ରମୁଖ କାରଣ ବୋଲି କୁହାଯାଉଛି। ଢେଙ୍କାନାଳ ଜିଲାର ରାଜନୀତିକୁ ନିୟନ୍ତ୍ରଣରେ ରଖିବାକୁ ଏଭଳି ଜଘନ୍ୟକାଣ୍ଡ ଘଟାଯାଉଥିବା ଚର୍ଚ୍ଚା ହେଉଛି। ୨୦୧୩ରୁ ଅଦ୍ୟାବଧି ଜିଲାରେ ଏଭଳି ୪ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟିଛି। କେବଳ କାମାକ୍ଷାନଗର ଉପଖଣ୍ଡ ତଥା ନିର୍ବାଚନମଣ୍ଡଳୀରେ ଯାଇଛି ୩ଜଣଙ୍କ ଜୀବନ। ଆଗକୁ ୨୦୨୪ ସାଧାରଣ ନିର୍ବାଚନ ଥିବାରୁ ଏଭଳି ହିଂସା ରୋକିବା ପୋଲିସ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ପାଲଟିଥିବାବେଳେ ଗୋଇନ୍ଦା ସଂସ୍ଥା ଜରିଆରେ ବିବାଦୀୟ ତଥା ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରାଜନେତାଙ୍କ ତାଲିକା ପ୍ରସ୍ତୁତ କରାଯାଉଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

ଢେଙ୍କାନାଳ ଜିଲାର ଅନ୍ୟତମ ସମ୍ବେଦନଶୀଳ କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଓ ଉପଖଣ୍ଡରେ ୨୦୧୩ ପରଠାରୁ ରାଜନୈତିକ ଗୋଷ୍ଠୀ ବିବାଦଜନିତ ହତ୍ୟାକାଣ୍ଡ ବଢ଼ିବାରେ ଲାଗିଛି। କାମାକ୍ଷାନଗର ଥାନା ତଥା ଭୁବନ ବ୍ଲକର ଦୀଘି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସର୍ବେଶ୍ୱର ରାଉତଙ୍କୁ ଗତ ମେ' ୭ ରାତିରେ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଏହାପଛର କାରଣ ରାଜନୈତିକ କନ୍ଦଳ, ଠିକାଦାରି କାମ ବିବାଦ ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିପୂର୍ବରୁ ୨୦୨୧ରେ କାମାକ୍ଷାନଗର ବ୍ଲକ ବାରୁଆଁ (କା) ପଞ୍ଚାୟତର ଦୀପକ ମହନ୍ତ ହତ୍ୟାର ଶିକାର ହୋଇଥିଲେ। ଦୀପକ ଦୀର୍ଘଦିନ ଧରି ପଞ୍ଚାୟତ ପ୍ରତିନିଧି ଥିଲେ। ୨୦୧୮ରେ ଜିଲା ଯୁବ ବିଜେଡି ସଭାପତି ଯଶୋବନ୍ତ ପରିଡ଼ାଙ୍କୁ ସ୍ପଷ୍ଟ ଦିବାଲୋକରେ ଗୁଳିକରି ହତ୍ୟା କରାଯାଇଥିଲା। ସେ କାର୍‌ରେ ଘରକୁ ଫେରୁଥିବାବେଳେ କାମାକ୍ଷାନଗର ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ଅଭିଯୁକ୍ତଙ୍କ ଆଖିବୁଜା ଗୁଳିଚାଳନାରେ ସେ ଟଳି ପଡ଼ିଥିଲେ। ଏହି ହତ୍ୟାକାଣ୍ଡରେ ସୁପାରି କିଲର, ସାର୍ପସୁଟରଙ୍କୁ ବ୍ୟବହାର କରାଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଥିଲା। ଅନୁରୂପ ଭାବେ ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ଢେଙ୍କାନାଳ ସଦର ବ୍ଲକ ତରଭା ପଞ୍ଚାୟତ ତଥା କାମାକ୍ଷାନଗର ନିର୍ବାଚନମଣ୍ଡଳୀର ଭାଜପା ସମର୍ଥକ ସଲମନ ରାଉତଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ୨୦୧୩ ପୂର୍ବରୁ ହିନ୍ଦୋଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ନବଘନ ସାହୁଙ୍କୁ ତାଙ୍କ ଗ୍ରାମ ଗଞ୍ଜରାରେ ଗାଡ଼ି ଚଢ଼ାଇ ହତ୍ୟା କରାଯାଇଥିଲା। ସେ ପ୍ରାତଃଭ୍ରମଣ ସାରି ଫେରୁଥିବାବେଳେ ଦୁର୍ବୃତ୍ତମାନେ ଏଭଳି ନାରକୀୟ କାଣ୍ଡ ଘଟାଇଥିଲେ। ଅନୁରୂପ ଭାବେ ରାଜନୈତିକ ଗୋଷ୍ଠୀ କନ୍ଦଳରୁ ସଦର ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ରାଉତଙ୍କ ଜୀବନ ଯାଇଥିଲା। ସଲମନ୍‌ଙ୍କୁ ବାଦ୍‌ଦେଲେ ହତ୍ୟାର ଶିକାର ହୋଇଥିବା ଅନ୍ୟମାନେ ଶାସକ ବିଜେଡିର ଦୃଢ଼ ସମର୍ଥକ ଥିଲେ। ଏସବୁ ସମ୍ବେଦନଶୀଳ ଘଟଣା ପଛରେ ପ୍ରଭାବଶାଳୀଙ୍କ ହାତ ରହିଥିବା ଚର୍ଚ୍ଚା ହେଉଛି। ତେବେ ରାଜନୈତିକ ଚାପ କାରଣରୁ ପୋଲିସ ନାମକୁ ମାତ୍ର କେତେଜଣ ଅଭିଯୁକ୍ତଙ୍କୁ ଧରି ନୀରବଦ୍ରଷ୍ଟା ସାଜୁଥିବା ଅଭିଯୋଗ ହେଉଛି। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଥିବାବେଳେ ଏବେଠାରୁ ରାଜନୈତିକ ବୟାନବାଜି ଆରମ୍ଭ ହେଲାଣି। ସୋସିଆଲ୍ ମିଡିଆରେ ଆକ୍ଷେପ-ପ୍ରତିଆକ୍ଷେପ ବଢ଼ିବାରେ ଲାଗିଛି। ଠିକାଦାରି କାମକୁ ନେଇ ବିବାଦୀୟ ଘଟଣାମାନ ଘଟିବାରେ ଲାଗିଛି, ଯାହା ଆଗକୁ ଜଟିଳ ସ୍ଥିତି ସୃଷ୍ଟି କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଏହାକୁ ନଜରରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୋଇନ୍ଦା ତଥ୍ୟ ଆଧାରରେ ବିବାଦୀୟ ରାଜନୈତିକ ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କୁହନ୍ତି, ରାଜନୈତିକ ହିଂସା ରୋକିବା ଲାଗି ପୋଲିସ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଉଛି। ପ୍ରତି ଅଞ୍ଚଳରେ ଥାନାଧିକାରୀଙ୍କୁ ରାଜନୈତିକ ଗଣ୍ଡଗୋଳ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖିବା ପାଇଁ କୁହାଯାଇଛି। ବିଶେଷ କରି ଭୁବନ, କଙ୍କଡ଼ାହାଡ଼, ପରଜଙ୍ଗ ଓ କାମାକ୍ଷାନଗରରେ ପୂର୍ବରୁ ଏଭଳି ଘଟଣାମାନ ଘଟିଥିବାରୁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି।

## କପିଳାସରେ ପ୍ରତିଷ୍ଠା ହେବ ସ୍ଥାୟୀ ଫାଣ୍ଡି

**ଢେଙ୍କାନାଳ ଅଫିସ, ୧୬।୫**

ପ୍ରସିଦ୍ଧ ଶୈବପୀଠ କପିଳାସ ପାଦଦେଶ ତଥା ପ୍ରବେଶ ଦ୍ୱାର ନିକଟରେ ଏକ ସ୍ଥାୟୀ ପୋଲିସ ଫାଣ୍ଡି ପ୍ରତିଷ୍ଠା କରାଯିବ। ଏ ନେଇ ରାଜ୍ୟ ପୋଲିସ ବିଭାଗକୁ ପ୍ରସ୍ତାବ ପଠାଯାଇଛି। ପ୍ରବେଶଦ୍ୱାର ନିକଟରେ ଥିବା ଏକ ଗୃହକୁ ଫାଣ୍ଡି ଭାବେ ବ୍ୟବହାର କରାଯିବାକୁ ଯୋଜନା କରାଯାଇଛି। ପ୍ରସ୍ତାବ ଅନୁମୋଦିତ ହେଲେ ସେଠାରେ କର୍ମଚାରୀ ମୁତୟନ ହେବେ। ଏହାକୁ ବାଦ୍‌ଦେଲେ ଢେଙ୍କାନାଳ-କପିଳାସ ଏବଂ ଦେଓଗାଁ-ଗଁଦିଆ-ଭୁବନ ରାସ୍ତାରେ ପୋଲିସ ପେଟ୍ରୋଲିଂ ବ୍ୟବସ୍ଥା ବ୍ୟାପକ କରିବା, ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଯୋଜନା ରହିଥିବା ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଢେଙ୍କାନାଳ-କପିଳାସ-ଦେଓଗାଁ ରାସ୍ତା କଟକ ଜିଲାର ଟାଙ୍ଗୀ ଆଡ଼କୁ ଯାଇଛି। ଦେଓଗାଁ-ଗଁଦିଆ-ମନ୍ଦାର-ଭୁବନ ଦେଇ ଯାଜପୁରକୁ ଯାତାୟାତ ସୁବିଧା ରହିଛି। ସେହିପରି ଦେଓଗାଁରୁ ଷଡ଼ଙ୍ଗୀ-ନିହଲପ୍ରସାଦ ଦେଇ ଯାଜପୁରକୁ ରାସ୍ତା ସଂଯୋଗ କରିଛି। ବିଭିନ୍ନ ସମୟରେ ଅପରାଧୀମାନେ ଉକ୍ତ ରାସ୍ତାଦେଇ ଜିଲାକୁ ପ୍ରବେଶ କରୁଛନ୍ତି। ଅପରାଧ ଘଟାଇ ସୁବିଧାରେ ଚମ୍ପଟ ମାରୁଛନ୍ତି। ଏହାକୁ ରୋକିବା ଲାଗି କପିଳାସରେ ଫାଣ୍ଡି ଏବଂ ଉକ୍ତ ରାସ୍ତାରେ ସିସିଟିଭି କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଏସ୍‌ପି କହିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ମୃତ

**କାମାକ୍ଷାନଗର/ସାତମାଇଲ, ୧୬।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲାର ପୃଥକ୍ ସ୍ଥାନରେ ପୋଖରୀରେ ବୁଡ଼ିଯାଇ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାମାକ୍ଷାନଗର ବ୍ଲକ ବାଙ୍କୁଆଳ ଗ୍ରାମର ଶିରିଣି ପ୍ରଧାନ (୪୫) ଏବଂ ହିନ୍ଦୋଳ ବ୍ଲକ ବାଲିମୀ ଥାନା ଝାରବେଡ଼ା ଗ୍ରାମର ନୟନି ପ୍ରଧାନ (୪୬)। ମଙ୍ଗଳବାର ଘଟିଥିବା ଏହି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଶିରିଣି ମଙ୍ଗଳବାର ସକାଳୁ ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନୁରୂପ ଭାବେ ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ ଝାରବେଡ଼ା ଗ୍ରାମର ପ୍ରାଣବନ୍ଧୁ ପ୍ରଧାନଙ୍କ ସ୍ତ୍ରୀ ନୟନି ଭୋର୍ ସମୟରେ ସ୍ଥାନୀୟ ଶତ୍ରୁସାଗରକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ପୂର୍ବାହ୍ନ ୧୦ଟାରେ ତାଙ୍କୁ ଠାବ କରିଥିଲେ। ତାଙ୍କୁ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବାଲିମୀ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ସରକାରୀ ଜମି ହଡ଼ପ ଅଭିଯୋଗ

**କାମାକ୍ଷାନଗର, ୧୬।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାନ୍ତୋଲ ଗ୍ରାମରେ ସରକାରୀ ଜମି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ତହସିଲ କାର୍ଯ୍ୟାଳୟର ଜଣେ ପୂର୍ବତନ ପିଅନ ଏଭଳି ବେଆଇନ କାର୍ଯ୍ୟ କରିଥିବା ଗ୍ରାମବାସୀ କହିଛନ୍ତି। ସର୍ବସାଧାରଣ ବ୍ୟବହାର କରୁଥିବା ଉକ୍ତ ଜମିକୁ ବେଆଇନ ଭାବେ ନିଜ ନାମରେ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିବା ସହ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପଟେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି, କାନ୍ତୋଲ ଗ୍ରାମର ଖାତା ନଂ. ୩୯ ପ୍ଲଟ୍ ନଂ. ୩୦୭ର ଏ ୦.୨୭ ଡେସିମିଲ୍, ପ୍ଲଟ ନଂ. ୩୧୨ର ଏ ୦.୦୫ ଡେସିମିଲ, ପ୍ଲଟ୍ ନଂ. ୩୦୬ର ଏ ୦.୫୮ ଡେସିମିଲ, ଖାତା ନଂ. ୫୦/୬ ପ୍ଲଟ୍ ନଂ. ୩୦୯ର ଏ ୦.୧୯ ଡେସିମିଲ, ପ୍ଲଟ ନଂ. ୩୧୦ର ଏ ୦.୨୦ ଡେସିମିଲ ଜମିକୁ ଗ୍ରାମବାସୀ ସାମୂହିକ କାର୍ଯ୍ୟରେ ବର୍ଷ ବର୍ଷ ଧରି ବ୍ୟବହାର କରି ଆସୁଥିଲେ। ଏହାକୁ ବିଭିନ୍ନ ସମୟରେ ଯାତ୍ରା ପଡ଼ିଆ ଭାବେ ବ୍ୟବହାର କରାଯାଉଥିଲା। ସେଠାରେ ଦୋଳ ମଣ୍ଡପ, ଶନିଶ୍ଚର ମନ୍ଦିର, ରାଧାକୃଷ୍ଣ ମନ୍ଦିର ରହିଛି। ଅଙ୍ଗନୱାଡି ଗୃହ ନିର୍ମାଣ ମଧ ହୋଇଛି। ହେଲେ ତହସିଲ କାର୍ଯ୍ୟାଳୟରେ କାମ କରୁଥିବା ବେଳେ ସମ୍ପୃକ୍ତ କର୍ମଚାରୀ ଜଣକ ଏହାକୁ କୌଶଳକ୍ରମେ ସମ୍ପର୍କୀୟଙ୍କ ସମେତ ନିଜ ନାମରେ କରିଦେଇଛନ୍ତି। ଉକ୍ତ ସର୍ବସାଧାରଣ ଜମିକୁ ବ୍ୟକ୍ତିଗତ ଦର୍ଶାଇ ବ୍ୟବହାର କରିବାକୁ ଦେଉନାହାନ୍ତି। ଏହାର ପ୍ରତିବାଦରେ ସରପଞ୍ଚ କାମିନୀ ଦେହୁରୀଙ୍କ ନେତୃତ୍ୱରେ ସୋମବାର ଶତାଧିକ ଗ୍ରାମବାସୀ କାମାକ୍ଷାନଗରରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ସମସ୍ୟା ଜଣାଇଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ଘଟଣାର ତଦନ୍ତ ପାଇଁ କଙ୍କଡ଼ାହାଡ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ଗାଡ଼ି ଧକ୍କାରେ ୩ ଗୁରୁତର

**ଭୁବନ, ୧୬।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ବାଉଁଶକଣ ଗ୍ରାମ ନିକଟ ୫୩ନଂ. ଜାତୀୟ ରାଜପଥରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଗାଡ଼ି ଧକ୍କାରେ ୩ ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭୁବନ ଏନ୍‌ଏସିର ତ୍ରିଲୋଚନ ଦେହୁରୀ (୨୩), ଗୁଲାମ ଖାଁ (୨୧) ଓ ଗିରିଧାରୀ ନାଏକ (୨୫)। ସମ୍ପୃକ୍ତ ୩ଜଣ ଯୁବକ ଏକ ବାଇକ୍‌ରେ ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରୁ ଭୁବନକୁ ଆସୁଥିବା ଏକ ଗାଡ଼ି ସେମାନଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ପାଖରେ ଥିବା ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାକୁ ନେଇ ଆସିଥିଲେ। ତ୍ରିଲୋଚନ ଅଧିକ ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ଫ୍ଲଡ୍‌ଲାଇଟ୍ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ

# ଜଗତ୍‌ସିଂହପୁର ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୧୬।୫**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ସତ୍ୟରଞ୍ଜନ ସ୍ପୋର୍ଟସ୍ ଏକାଡେମୀ ପକ୍ଷରୁ ପ୍ରଥମ ଥର ଆୟୋଜିତ ରାଜ୍ୟସ୍ତରୀୟ ଫ୍ଲଡ୍‌ଲାଇଟ ପୁରୁଷ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଜଗତ୍‌ସିଂହପୁର ଚାମ୍ପିୟନ ଏବଂ ଢେଙ୍କାନାଳ ରନର୍ସଅପ୍ ହୋଇଛି।

ଜଗତ୍‌ସିଂପୁର ଓ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍ ଅମୀମାଂସିତ ରହିଥିଲା। ଫଳରେ ସଡନଡେଥ୍ ନିୟମ ଅନୁଯାୟୀ ଜଗତ୍‌ସିଂହପୁରକୁ ବିଜୟୀ ଘୋଷଣା କରାଯାଇଥିଲା। ପ୍ରତିଯୋଗିତା ଭାଗ ନେଇଥିବା କଟକ, ପୁରୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ରନର୍ସଅପ୍ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ସମ୍ମାନିତ ଅତିଥି ଆଇପିଇ ଜ୍ୟୋତି ପ୍ରକାଶ ପରିଡ଼ା ଯୋଗଦେଇ ଚାମ୍ପିୟନ୍ ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଏକାଡେମୀ ସଭାପତି ସତ୍ୟବାନ ପାତ୍ର, ସମ୍ପାଦକ ରଞ୍ଜନ ସାହୁ ଏହାର ପରିଚାଳନା କରିଥିଲେ। ଉପଦେଷ୍ଟା ଅଶୋକ ସ୍ୱାଇଁ, ମାନସ ହୋତା, ଶାରୀରିକ ଶିକ୍ଷା ବିଭାଗର ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତି, ସୁଶାନ୍ତ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ବେହେରା, ପର୍ଶୁରାମ ମିଶ୍ର, ବିଚିତ୍ରାନନ୍ଦ ସାହୁ, ସସ୍ମିତା ସ୍ୱାଇଁ, ନର୍ମଦା ମହାପାତ୍ର, ପ୍ରକାଶ ସ୍ୱାଇଁ, ସରୋଜିନୀ ପାତ୍ର, ଜ୍ୟୋତ୍ସ୍ନା ସଙ୍ଗୀତା ଦାସ, କାଳିନ୍ଦୀ ବେହେରା, ମଳୟ ଗାନ୍ଧୀ, ଚିତ୍ତରଞ୍ଜନ ବେହେରା, ସୁନୀଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଦଳର ଖେଳାଳିମାନେ।


ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ଥିବା ଏକ ପୁରୁଣା ଅଶ୍ୱତ୍ଥ ବୃକ୍ଷ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ତୋଫାନରେ ଉପୁଡ଼ି ପଡ଼ିଛି। **(ଫଟୋ-ବିପିନ)**

# ତପସ୍ୱିନୀ ଏକ୍ସପ୍ରେସ୍‌ରୁ ଖସିପଡ଼ି ଯୁବକ ମୃତ

**ଢେଙ୍କାନାଳ ଅଫିସ, ୧୬।୫**

ଢେଙ୍କାନାଳ ରେଳଷ୍ଟେଶନଠାରୁ ଅଳ୍ପଦୂରରୁ ଜଣେ ଯୁବକଙ୍କ ମୃତଦେହ ଠାବ କରାଯାଇଛି। ସେ ହେଲେ କାମାକ୍ଷାନଗର ବ୍ଲକ ରେକୁଳାର ରାଜେଶ ପରିଡ଼ା (୨୮)। ପୁରୀ-ହଟିଆ ତପସ୍ୱିନୀ ଏକ୍ସପ୍ରେସ୍‌ରୁ ସୋମବାର ରାତି ପ୍ରାୟ ସାଢ଼େ ୧୨ଟାରେ ଖସିପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜେଶ ଝାରସୁଗୁଡ଼ାର ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ କୌଣସି କାମରେ ଘରକୁ ଆସି ସୋମବାର ରାତିରେ ଢେଙ୍କାନାଳ ରେଳ ଷ୍ଟେଶନରୁ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଝାରସୁଗୁଡ଼ା ଫେରୁଥିଲେ। ଷ୍ଟେଶନରୁ ଅଳ୍ପ ବାଟ ଯିବାପରେ ସେ ହଠାତ୍ ଟ୍ରେନ୍‌ରୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳବାର ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପାଲା ମହୋତ୍ସବ ଉଦ୍‌ଯାପିତ

**ଭୁବନ, ୧୬।୫(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଗାୟତ୍ରୀ ପାଲାମଣ୍ଡପରେ ଶୁକ୍ରବାରଠାରୁ ଚାଲିଥିବା ୩୫ତମ ବାର୍ଷିକ ପାଲା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱନାମଧନ୍ୟ ପାଲା ଗାୟକ ସମ୍ରାଟ୍ ଲକ୍ଷ୍ମୀଧର ରାଉତ, ଗାୟକ ବାଗ୍ମୀ ନାରାୟଣ ମହାରଣା ନିଜ ନିଜର ସହଯୋଗୀଙ୍କ ସହ ପାଲା ପରିବେଷଣ କରିଥିଲେ। ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଓ ପରମ୍ପରା ଉପରେ ଆଲୋଚନା ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ପାଲାପ୍ରେମୀ ଯୋଗଦେଇ ଏହାକୁ ଉପଭୋଗ କରିଥିଲେ। ଗାୟତ୍ରୀ ପାଲା ପରିଷଦ ସଭାପତି ହୃଷୀକେଶ ସାହୁ, ସମ୍ପାଦକ ନରେନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା ଯୁବରାଜ ସାଥୁଆମହାପାତ୍ର, ଅଜୟ କୁମାର ସେଠୀ, ଲଳିତ ମିଶ୍ର, ଦିଲୀପ ସାହୁ, ଡମ୍ବରୁଧର ସାହୁ, ସୁରେନ୍ଦ୍ର ସାହୁ, ବିଜୟ ସାହୁଙ୍କ ସମେତ ଅଞ୍ଚଳବାସୀ ପରିଚାଳନାରେ ସହଯୋଗ କରିଥିଲେ।


ଗାୟକ ସମ୍ରାଟ୍ ଲକ୍ଷ୍ମୀଧର ରାଉତ ପାଲା ପରିବେଷଣ କରୁଛନ୍ତି।

# ଜିଲାରେ କମିଛି ଡେଙ୍ଗୁ ପ୍ରକୋପ

**ଢେଙ୍କାନାଳ ଅଫିସ, ୧୬।୫**

- ୨୦୨୨ରେ ଆକ୍ରାନ୍ତ ହୋଇଥିଲେ ୭୯
- ଚଳିତ ବର୍ଷ ମେ' ସୁଦ୍ଧା ଜଣେ ଚିହ୍ନଟ

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ମଙ୍ଗଳବାର ଜିଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଅଶୋକ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରି କହିଲେ, ଜିଲାରେ ଡେଙ୍ଗୁ ପ୍ରକୋପ କମିଛି। ଜିଲାରେ ୨୦୧୩ରେ ସର୍ବାଧିକ ୪୧୬ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ୨୦୧୪ରେ ୨୭୪, ୨୦୧୫ରେ ୪୪, ୨୦୧୬ରେ ୧୧୭, ୨୦୧୭ରେ ୫୧, ୨୦୧୮ରେ ୬୧, ୨୦୧୯ରେ ୯୬, ୨୦୨୦ରେ ୫, ୨୦୨୧ରେ ୫୧, ୨୦୨୨ରେ ୭୯ ଏବଂ ୨୦୨୩ ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ମାତ୍ର ଜଣେ ରୋଗୀ ଚିହ୍ନଟ ହୋଇଛନ୍ତି। ୨୦୧୩ରୁ ଅଦ୍ୟାବଧି ଡେଙ୍ଗୁରେ କାହାରି ଜୀବନ ଯାଇ ନ ଥିବା ସିଡିଏମ୍‌ଓ ସୂଚନା ଦେଇଛନ୍ତି। ସମସ୍ତେ ମିଳିମିଶି କାର୍ଯ୍ୟକଲେ ଜିଲା ଡେଙ୍ଗୁ ମୁକ୍ତ ହୋଇପାରିବ। ପରିବେଶକୁ ପରିଷ୍କାର ରଖିବା, ଆଶା, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟକର୍ମୀଙ୍କ ସହାୟତାରେ ଜନ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା, ରୋଗ ଚିହ୍ନଟ, ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ଲାଗି ସିଡିଏମ୍‌ଓ ପରାମର୍ଶ ଦେଇଛନ୍ତି।

ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ଆଲୋଚନାରେ ଭାଗନେଇ କହିଲେ, ଡେଙ୍ଗୁରେ ଆକ୍ରାନ୍ତ ରୋଗୀଙ୍କୁ ଭୀଷଣ ଜ୍ୱର, ଗଣ୍ଠି ବିନ୍ଧା, ବାନ୍ତି, ମୁଣ୍ଡବ୍ୟଥା ହୋଇଥାଏ। ଶରୀରରେ ଲାଲ୍ ଦାଗ ପଡ଼ିଯାଏ। ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ମେଡିକାଲରେ ପରାମର୍ଶ କରିବା ଜରୁରୀ। ଡେଙ୍ଗୁ ରୋଗ ପାଇଁ କୌଣସି ପ୍ରତିଷେଧକ ଟିକା କିମ୍ବା ଔଷଧ ନାହିଁ। ଲକ୍ଷଣକୁ ଦେଖି ରୋଗର ଚିକିତ୍ସା କରାଯାଇଥାଏ। ଜିଲା ଚିକିତ୍ସାଳୟର ଦ୍ୱିତୀୟ ମହଲା ୯୩ନଂ. କୋଠରିରେ ନିଃଶୁଳ୍କ ଡେଙ୍ଗୁ ପରୀକ୍ଷା କରାଯାଉଛି ବୋଲି ସୂଚନା ଦିଆଯାଇଥିଲା।

ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର କହିଲେ, ପାଣି ଜମି ରହୁଥିବା ସ୍ଥାନରେ ଏଡିସ୍ ମଶା ଲାର୍ଭା ଦେଇଥାଏ। ତେଣୁ ୨-୩ ଦିନ ଅନ୍ତରରେ ପାଣିପାତ୍ର, ଟାଙ୍କି, କୁଲର ପାଣି ବଦଳାଇବା ଜରୁରୀ। ନିୟମିତ ମଶାରି ବ୍ୟବହାର ଦ୍ୱାରା ମାରାତ୍ମକ ଡେଙ୍ଗୁରୁ ଅନେକାଂଶରେ ସୁରକ୍ଷା ମିଳିପାରିବ ବୋଲି ସେ କହିଥିଲେ। ଜିଲା ଯକ୍ଷ୍ମା ନିୟନ୍ତ୍ରଣ ଅଧିକାରୀ ଡା. ଗୁରୁପ୍ରସାଦ ଜେନା, ଜିଲା ଭେକ୍ଟରବାହିତ ରୋଗ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ ଡେଙ୍ଗୁର ପ୍ରତିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଏଡିଏମ୍‌ଓ (ମେଡିକାଲ) ଡା. ଜୟକୃଷ୍ଣ ନାୟକ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା କୋଷାଧ୍ୟକ୍ଷ ଗଗନ ବିହାରୀ ସାହୁ, ମହାମାରୀ ବିଶେଷଜ୍ଞ ଡା. କଲ୍ଲୋଳ ଦାସ ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା।



ଅଧିକାରୀମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

